## ସଂକ୍ଷେପରେ

### କୁଟୁରା ମାଂସ ଜବତ, ଶିକାରୀ ଗିରଫ



ବାରିପଦା ଅଫିସ/ଖୁଣ୍ଟା, ୧୦।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉକୁରା ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନରୁ ବନବିଭାଗ ଜଣେ ଶିକାରୀଙ୍କୁ ଗିରଫ କରିବା ସହିତ କୁଟୁରା ମାଂସ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଉଦଳା ଥାନା ଭାଲୁବସା ଗ୍ରାମର ମଙ୍ଗଳ ସିଂ(୬୦)। ଏନେଇ ବନବିଭାଗ ପକ୍ଷରୁ ଏକ ମାମଲା (ନଂ.୧ଡିକେ/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ବନବିଭାଗର ସୂଚନା ଅନୁଯାୟୀ, ମଙ୍ଗଳ ଜଙ୍ଗଲରେ ରହି ନିଆଁ ଲଗାଇବା ପରେ ଏକ କୁଟୁରାକୁ ଶିକାର କରିଥିଲେ। ୧୦କେଜି କୁଟୁରା ମାଂସକୁ ଏକ ପଲିଥିନରେ ରଖି ଗଛ ମୂଳେ ବିଶ୍ରାମ ନେଉଥିବା ସମୟରେ ବନକର୍ମଚାରୀମାନେ ତାଙ୍କୁ ଗିରଫ କରିଥିଲେ।

### ଜଙ୍ଗଲରୁ ମିଳିଲା ପୋଡ଼ା ମୃତଦେହ

ଢେଙ୍କିକୋଟ, ୧୦।୪(ଡି.ଏନ.ଏ.): କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ପିପିଳିଆ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ପୋଡ଼ା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ବିଜୟଲାଲ ପାଓ୍ୱାର। ତାଙ୍କ ଘର ଦିଲ୍ଲୀସ୍ଥିତ ଶଙ୍କରପୁର ଥାନା ଲକ୍ଷ୍ମୀନଗର ଅଞ୍ଚଳରେ ବୋଲି ଜଣାପଡ଼ିଛି। ଗତ ଶୁକ୍ରବାର ଅପରାହ୍ଣରେ ବିଜୟଲାଲ୍ ବାଇକ୍‌ରେ ବାଙ୍କପାଟୁଳି ହାଟକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଶୁକ୍ରବାର ରାତିରେ ତାଙ୍କ ପୋଡ଼ା ମୃତଦେହ ଗ୍ରାମ ନିକଟସ୍ଥ ଜଙ୍ଗଲରେ ପଡିଥିବା ଗ୍ରାମବାସୀ ଦେଖି ସ୍ତ୍ରୀ ଶାନ୍ତିଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଶାନ୍ତି ପହଞ୍ଚି ସ୍ୱାମୀଙ୍କ ମୃତଦେହ ଚିହ୍ନିପାରି ଜଣାଇବା ପରେ ଫାଣ୍ଡି ଅଧିକାରୀ ଈଶ୍ୱରଚନ୍ଦ୍ର ପ୍ରଧାନ ସେଠାକୁ ଯାଇ ମୃତ ଦେହ ଜବତ କରିଥିଲେ। ଏନେଇ ଘଟଗାଁ ଥାନା ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୧)ରୁଜୁ କରାଯାଇ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ

କାଳିଆପାଣି,୧୦।୪(ଡି.ଏନ.ଏ.): କାଳିଆପାଣି ଥାନା ପୋଲିସ ପକ୍ଷରୁ କଲରଙ୍ଗୀ ଛକଠାରେ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଶନିବାର ଥାନା ଅଧିକାରୀ ରମାକାନ୍ତ ମୁଦୁଲି ଉକ୍ତ ଜଳଛତ୍ର କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ପରେ ଥାନା ଅଧିକାରୀ ପଥଚାରୀମାନଙ୍କୁ ଦହିପାଣି ପିଇବାକୁ ଦେଇଥିଲେ। କାର୍ଯ୍ୟକ୍ରମରେ ଏସଆଇ ବିଭୂତି ମହାପାତ୍ର, ଥାନା ସଦସ୍ୟ ତୁଷାର କର, ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା ତଥା ସୁକିନ୍ଦା ପ୍ରେସ କ୍ଲବ ସଭାପତି ବିଶ୍ୱଜିତ ନାୟକ ଓ ଆମ ପୋଲିସ ସଦସ୍ୟ ଆଶିଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱପ୍ନ ହୋଇଗଲା ଆମଦାନୀଭିତ୍ତିକ କାଠଶିଳ୍ପ

ପାରାଦୀପ,୧୦।୪(ସ୍ୱ.ପ୍ର.)

- ୨୦୧୬ ଫେବୃୟାରୀରେ ଏମ୍‌ଓୟୁ ହୋଇଥିଲା
- ୫ ବର୍ଷ ହେବ ଅଗ୍ରଗତି ନାହିଁ
- ୨୦୦ ଏକରରେ ପ୍ରକଳ୍ପ କରିବାକୁ ଘୋଷଣା କରାଯାଇଥିଲା

ସରକାର ଏମ୍‌ଏସ୍‌ଏମ୍‌ଇ (ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ)ବିଭାଗ ଜରିଆରେ ନିଯୁକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ପ୍ରବର୍ତ୍ତାଉଛନ୍ତି। କିନ୍ତୁ ଉକ୍ତ ବିଭାଗ କେବଳ ସ୍ୱପ୍ନ ବାଣ୍ଟୁଥିବା ଅଭିଯୋଗ ହୋଇଛି। ପାରାଦୀପ ବନ୍ଦର ଓ ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ୨୦୧୬ ଫେବୃୟାରୀ ୧୯ରେ ଆମଦାନୀଭିତ୍ତିକ କାଠଶିଳ୍ପ କରିବା ପାଇଁ ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷର କରିଥିଲେ। ଏହା ମଧ୍ୟରେ ୫ ବର୍ଷ ବିତିଯାଇଥିଲେ ମଧ୍ୟ କାଠଶିଳ୍ପ ପ୍ରସଙ୍ଗରେ କୌଣସି ଅଗ୍ରଗତି ହୋଇ ନ ଥିବା ଜଣାପଡ଼ିଛି। ଏପରି କି ଏମ୍‌ଏସ୍‌ଏମ୍‌ଇ ବିଭାଗ ଓ ପାରାଦୀପ ବନ୍ଦର ପ୍ରଶାସନ ପାଖରେ କୌଣସି ସୂଚନା ନ ଥିବା ଉତ୍ତର ମିଳିଛି। ୨୦୧୬ରେ ତତ୍କାଳୀନ ଏମ୍‌ଏସ୍‌ଏମ୍‌ଇ ସଚିବ ଗଗନ ଧଳ, ପାରାଦୀପ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟଙ୍କ ସମେତ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ, ବନ ବିଭାଗ ଅଧିକାରୀ ଓ ଅନ୍ୟମାନେ ଆମଦାନୀଭିତ୍ତିକ କାଠଶିଳ୍ପ ପାଇଁ ନେହେରୁ ବଙ୍ଗଳାର ଅତିଥି ଭବନରେ ବୈଠକ କରିଥିଲେ। ସେତେବେଳର ସୂଚନା ଅନୁସାରେ, ସଚିବ ଧଳ କହିଥିଲେ, ପାରାଦୀପରେ ୨୦୦ ଏକର ଜାଗାରେ ଉକ୍ତ ପ୍ରକଳ୍ପ ହେବ। ଏଥିପାଇଁ ଇଡ୍‌କୋ ପକ୍ଷରୁ ଜମି ପ୍ରଦାନ କରାଯିବ। ସେଠାରେ ବିଦେଶରୁ କାଠ, ପ୍ଲାଇ ଆଦି ଆସି ରହିବ। ପାରାଦୀପରୁ ଉକ୍ତ କାଠ ନେଇ ଉପକୂଳ ଓଡ଼ିଶାରେ ୮ଟି କ୍ଷୁଦ୍ରଶିଳ୍ପକୁ ଯୋଗାଇ ଦିଆଯିବ। ଏଥିପାଇଁ ୮ଟି କାଠଶିଳ୍ପ ପଞ୍ଜୀକୃତ ହୋଇଥିଲା ବୋଲି ସେତେବେଳେ କୁହାଯାଇଥିଲା। ଏହି ପ୍ରକ୍ରିୟାରେ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ମିଳିବ ବୋଲି ସୂଚନା ଦିଆଯାଇଥିଲା। ଏହି ପ୍ରକଳ୍ପର ଅଗ୍ରଗତି ନ ହେବା ସମ୍ପର୍କରେ ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ କିଛି ଜାଣି ନ ଥିବା କହିଛନ୍ତି। ବନ୍ଦର ଟ୍ରାଫିକ ମ୍ୟାନେଜର ଏସ୍.କେ. ମିଶ୍ର କହିଛନ୍ତି, ଉକ୍ତ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଜାଗା ଯୋଗାଇପାରିଲେ ନାହିଁ। ଏଥିଯୋଗୁ ପ୍ରକଳ୍ପ ଆଗେଇ ପାରୁନାହିଁ। ଏମ୍‌ଏସ୍‌ଏମ୍‌ଇ ଜିଲା ସାଧାରଣ ପରିଚାଳକ କଙ୍କନ ଘୋଷଙ୍କ ପାଖରେ ଏ ସମ୍ପର୍କରେ କୌଣସି ସୂଚନା ନାହିଁ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୪ ଫେବୃୟାରୀରେ ପାରାଦୀପର ମଧୁବନ ହାଉସିଂ ବୋର୍ଡରେ ରାଜ୍ୟ ସରକାର ଏମ୍‌ଏସ୍‌ଏମ୍‌ଇର ଏକ କାର୍ଯ୍ୟାଳୟ ଖୋଲିଥିଲେ। ଜଣେ ସହକାରୀ ନିର୍ଦ୍ଦେଶକଙ୍କ ସମେତ ୭ ଜଣ କର୍ମଚାରୀ ଉକ୍ତ କାର୍ଯ୍ୟାଳୟରେ ଯୋଗଦେଇଥିଲେ। ୫ ବର୍ଷ କାଳ ଅଫିସ ଚାଲିବା ସତ୍ତ୍ୱେ ଜଣେ ବି ଉଦ୍ୟୋଗୀ ସୃଷ୍ଟି ହୋଇ ନ ଥିଲେ। ଯେଉଁ ଆନୁଷଙ୍ଗିକ ଶିଳ୍ପ ଜିଲାରେ କରାଯିବ ବୋଲି କୁହାଯାଇଥିଲା ତାହା ସଫଳ ହୋଇ ନ ଥିଲେ। ଏହି ବିଫଳତା ସମ୍ପର୍କରେ ସେତେବେଳେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ୨୦୧୯ ମାର୍ଚ୍ଚ ୩୧ ରେ ଉକ୍ତ କାର୍ଯ୍ୟାଳୟକୁ ପାରାଦୀପରୁ ଚୌଦ୍ୱାରକୁ ସ୍ଥାନାନ୍ତର କରାଯାଇଥିଲା। ପାରାଦୀପରେ ୧୫ଟି ବୃହତ୍ ଶିଳ୍ପ ଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକାଂଶ ସମୟରେ ନୂଆ ଆନୁଷଙ୍ଗିକ ଶିଳ୍ପ ହେବ ବୋଲି ଏକାଧିକ ଥର ଘୋଷଣା କରୁଛନ୍ତି। କିନ୍ତୁ ପ୍ରାୟତଃ ସେହି ଘୋଷଣା ପରେ ସ୍ୱପ୍ନ ହୋଇଯାଏ। ଏଠାରେ ପୂର୍ବରୁ ଏପରି ଅନେକ ପ୍ରକଳ୍ପ ପାଇଁ ଘୋଷଣା ହୋଇଥିବା ବେଳେ ପରେ ଅଗ୍ରଗତି ହୋଇ ନ ଥିବା ନଜିର ରହିଛି।

### ଜଗତ୍‌ସିଂହପୁର: ଗୋଟିଏ ଦିନରେ ୯ ପଜିଟିଭ୍

ଜଗତ୍‌ସିଂହପୁର ଅଫିସ, ୧୦।୪

କରୋନା ସଂକ୍ରମଣର ୨ୟ ଲହର ଯୋଗୁ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧ ପାଉଛି। ଏଭଳି ସ୍ଥିତିରେ ଜଗତ୍‌ସିଂହପୁର ଜିଲାରେ ତାହାର ପ୍ରଭାବ ଦେଖିବାକୁ ମିଳିଛି। ଏ ନେଇ ଜିଲାରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଶନିବାର ଗୋଟିଏ ଦିନରେ ଜଗତ୍‌ସିଂହପୁର ଜିଲାରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବାଲିକୁଦା, କୁଜଙ୍ଗ, ନାଉଗାଁ, ତିର୍ତ୍ତୋଲ ଓ ପାରାଦୀପ ବ୍ଲକରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏରସମା ଓ ଜଗତ୍‌ସିଂହପୁର ବ୍ଲକରୁ ୨ ଜଣ ଲେଖାଏ ସଂକ୍ରମିତ ହୋଇଛନ୍ତି। ସମସ୍ତେ କରୋନା କଟକଣା ମାନିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।



ପାରାଦୀପର ବିଭିନ୍ନ ଶିଳ୍ପ ସଂସ୍ଥାରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ଅସୁରକ୍ଷିତ ଭାବେ ମାଲ୍‌ବାହୀ ଗାଡ଼ିରେ ଯାତ୍ରା କରୁଛନ୍ତି।

### ଯୁବକଙ୍କ ମୃତଦେହ ଜବତ

ପାରାଦୀପ,୧୦।୪(ସ୍ୱ.ପ୍ର.)

ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ନୂଆଗଡ ଗାଁରୁ ଶନିବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ସୁଧୀର ସାହାଣୀ(୨୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ସୁଧୀର ଘର ଭିତରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ପକ୍ଷରୁ ମାମଲା (ନଂ ୮/୨୧)ରୁଜୁ ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

### ବନବିହାରୀ ହାଇସ୍କୁଲର ସ୍ୱତନ୍ତ୍ର ଲଫାପା ଉନ୍ମୋଚିତ




ଅତିଥିମାନେ ସ୍ୱତନ୍ତ୍ର ଲଫାପା ଉନ୍ମୋଚନ କରୁଛନ୍ତି।

କୁଜଙ୍ଗ,୧୦।୪(ଡି.ଏନ୍.ଏ.)

କୁଜଙ୍ଗସ୍ଥିତ ୧୨୧ ବର୍ଷର ଶିକ୍ଷା ଅନୁଷ୍ଠାନ ବନବିହାରୀ ହାଇସ୍କୁଲର ଏକ ସ୍ୱତନ୍ତ୍ର ଲଫାପା ସ୍ଥାନୀୟ ଡାକବିଭାଗରେ ଶନିବାର ଉନ୍ମୋଚନ ହୋଇଛି। ଏହା ଫଳରେ ବହୁ ପୁରାତନ ଏହି ହାଇସ୍କୁଲର ଏକ ସ୍ୱର୍ଣ୍ଣିମ ଇତିହାସ ଯୋଡି ହୋଇଯାଇଛି ବୋଲି ଏନେଇ ଆୟୋଜିତ ଉତ୍ସବରେ ଅତିଥିମାନେ କହିଛନ୍ତି। ଡାକ ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ଲଫାପାକୁ ସୁପରିଣ୍ଟେଣ୍ଡେଣ୍ଟ ନିରଞ୍ଜନ ମହାନ୍ତି ଉନ୍ମୋଚନ କରି କହିଥିଲେ। ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ୧୨୦ ବର୍ଷ ଅତିକ୍ରମ କରିଥିବା ପୁରାତନ ବିଦ୍ୟାଳୟକୁ ଏହି ସ୍ୱତନ୍ତ୍ର ଲଫାପା ଅଧିକ ସୁନାମ ଆଣିଦେବ। ରାଜ୍ୟ ତଥା ଦେଶ ଓ ବିଦେଶରେ ଥିବା ଛାତ୍ରୀଛାତ୍ର ଏହି ଲଫାପା ଦେଖି ନିଜକୁ ଗର୍ବିତ ମନେକରିବେ । ସେମାନଙ୍କ ପୂର୍ବ ସ୍ମୃତିକୁ ସାଉଁଟିବେ । ସ୍କୁଲର ବହୁ ମୂଲ୍ୟବାନ ସ୍ମୃତି ସ୍ତମ୍ଭକୁ ଏହି ଲଫାପାରେ ଚିତ୍ର ଆକାରରେ ସ୍ଥାନ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ଏହି ଲଫାପାରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ସେମାନଙ୍କ ବିଭିନ୍ନ ଅସୁବିଧା ଜଣାଇପାରିବେ। ତେବେ ଏହି ପୁରାତନ ଶିକ୍ଷାନୁଷ୍ଠାନର ମରାମତି ଅଭାବରୁ ଏହାର କୋଠା ବିପଦସଙ୍କୁଳ ହୋଇପଡ଼ିଛି। ଏନେଇ ଅତିଥିମାନେ କ୍ଷୋଭ ପ୍ରକାଶ କରିଥିଲେ। ବନବିହାରୀ ହାଇସ୍କୁଲର ଅସ୍ଥାୟୀ ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଲୁମ୍‌ନି କମିଟି ଅଧ୍ୟକ୍ଷ ଡା. କାହ୍ନୁ ଚରଣ ସ୍ୱାଇଁ, ପରିଚାଳନା କମିଟିର ସଭାପତି ଲୋକନାଥ ନାଥ ପ୍ରମୁଖ ମଞ୍ଚାସୀନ ଥିଲେ। ସଞ୍ଜୀବ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ କୁଜଙ୍ଗ ପୋଷ୍ଟମାଷ୍ଟର ଅନିଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଡାକବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ବହୁ ପୁରାତନ ଛାତ୍ର ଉପସ୍ଥିତ ଥିଲେ।

### ଟ୍ୟାଙ୍କର ଜବତ: ତେଲ ନିଷ୍କାସନ ବେଳେ ଧରାପଡ଼ିଲା

ପାରାଦୀପ,୧୦।୪(ସ୍ୱ.ପ୍ର.)

ପାରାଦୀପ ଲକ୍ ଥାନା ପୋଲିସ ଶନିବାର ରାତିରେ ଏକ ତେଲ ବୋଝେଇ ଟ୍ୟାଙ୍କର ଗାଡ଼ି ଜବତ କରିଛି। ଗାଡ଼ିରୁ ତେଲ ନିଷ୍କାସନ ବେଳେ ପୋଲିସ ହାତରେ ଅଭିଯୁକ୍ତ ଧରାପଡ଼ିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ପୋଲିସ ଉକ୍ତ ଗାଡ଼ିକୁ ବିପିସିଏଲ ଟର୍ମିନାଲକୁ ଆଣି ଖୋଳତାଡ କରୁଥିଲା। ବିପିସିଏଲରୁ ଏକ ଟ୍ୟାଙ୍କର (ଓଡି୧୫ଜି୮୩୧) ଗାଡ଼ିରେ ଡିଜେଲ ଓ ପେଟ୍ରୋଲ ବୋଝେଇ ହୋଇ ଅନୁଗୋଳ ଜିଲା ଅଭିମୁଖେ ଯାଉଥିଲା। ଲକ୍‌ଥାନା ଅନ୍ତର୍ଗତ କାଠଗୋଡା ଛକରେ ଗାଡ଼ି ରଖି ସେଥିରୁ ତେଲ ନିଷ୍କାସନ କରାଯାଉଥିଲା। ଏହି ସମୟରେ ସେଠାରେ ପୋଲିସ ଚଢ଼ାଉ କରିଥିଲା। ସେତେବେଳକୁ ୩୦ ଲିଟର ପେଟ୍ରୋଲ କଢ଼ା ହୋଇସାରିଥିଲା। ସମ୍ପୃକ୍ତ ଗାଡ଼ି ଓ ଚାଳକଙ୍କୁ ଧରି ପୋଲିସ ବିପିସିଏଲ ପାଖରେ ତଦନ୍ତ କରୁଛି ବୋଲି ଥାନାଧିକାରୀ ପ୍ରଭାସଚନ୍ଦ୍ର ସାହୁ କହିଛନ୍ତି। ଏହି ଟ୍ୟାଙ୍କରରେ ଇଏମ ଲକ୍ (ଇଲେକ୍ଟ୍ରୋନିକ ମ୍ୟାଗ୍ନେଟିଭ୍) ରହିଛି। ଉକ୍ତ ଲକ୍ ଖୋଲିବାର ଓଟିପି ତେଲ କମ୍ପାନୀ ଓ ପେଟ୍ରୋଲ ଟାଙ୍କି ମାଲିକ ପାଖରେ ଥାଏ। ଏହାସତ୍ତ୍ୱେ ବାଟରୁ କିପରି ତେଲ ଟାଙ୍କିରୁ ନିଷ୍କାସନ କରାଯାଇଛି ପୋଲିସ ତା'ର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଗତ ଜାନୁୟାରୀରେ ଏଭଳି ଚୋରି ହେଉଥିବା ବେଳେ ପୋଲିସ ଚଢ଼ାଉ କରି ୬୬୦୦ ଲିଟର ତେଲ ଓ ଗୋଟିଏ ଗାଡ଼ି ଜବତ କରିଥିଲା।

### ଲୋକ ଅଦାଲତ: ୧୬୧ ମାମଲା ଫଇସଲା

କେନ୍ଦ୍ରାପଡ଼ା ଅଫିସ,୧୦।୪

କେନ୍ଦ୍ରାପଡ଼ା ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ୫୬୯ ମକଦ୍ଦମା ମଧ୍ୟରୁ ୧୬୧ର ସମାଧାନ ହୋଇଛି। ସେହିପରି ୨୩୭୧ ପ୍ରାକ୍ ମକଦ୍ଦମା ମଧ୍ୟରୁ ୬ଟିର ସମାଧାନ ହୋଇଛି । ଏହି ଅବସରରେ ମୋଟ ୭୩,୧୬,୭୫୬ ଟଙ୍କା ଆଦାୟ ପାଇଁ ବିଚାରପତିମାନେ ନିର୍ଦ୍ଦେଶ ଦେଇଛନ୍ତି। ମୋଟ ୧୫୭ ଦେୱାନୀ ମାମଲା ମଧ୍ୟରୁ ୪୮ ସମାଧାନ ହୋଇଥିଲା ବେଳେ ୨୦,୯୦.୭୫୬ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ୨୫୩ ଫୌଜଦାରି ମାମଲା ମଧ୍ୟରୁ ୪୫, ୧୦୨ ପାରିବାରିକ ମାମଲାରୁ ୫୫ର ସମାଧାନ ହୋଇଛି। ମୋଟରଯାନ ଦୁର୍ଘଟଣା ଜନିତ ୫୭ ମାମଲାରୁ ୧୩ ସମାଧାନ ହୋଇଥିବା ବେଳେ ୫୨,୨୦,୦୦ ଟଙ୍କା ଓ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲାରୁ ୫,୯୦୦ ଟଙ୍କ ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାଗୁଡିକୁ ଜିଲା ଜଜ୍ ଗୋପାଳ ଚନ୍ଦ୍ର ବେହେରା, ପାରିବାରିକ ଅଦାଲତ ଜଜ୍ ଅନିତା ସାହୁ, ଏଡିଆଇ ଏମ୍.ଆର୍.ଦୋରା, ସିଜେଏମ ଜ୍ଞାନରଞ୍ଜନ ପଟ୍ଟନାୟକ, ପ୍ରାଧିକରଣ ସଚିବ ମଳୟ କୁମାର ପ୍ରଧାନ, ଜଜ୍ କୁମୁଦିନୀ ମୁଦୁଲି, ଜଜ୍ ଶୋଭନ କୁମାର କାନୁନଗୋ, ରେଜିଷ୍ଟ୍ରାର ପୁଣ୍ୟଶ୍ଲୋକ ରଥ, ଏସ୍‌ଡିଜେଏମ୍ ପ୍ରଜ୍ଞା ପୂଜାପ୍ରଦା, ଜଜ୍ ନୀତୀଶ ଚଣ୍ଡକ ପ୍ରମୁଖ ବିଚାର କରିଥିଲେ।

### ଯାତ୍ରୀବାହୀ ବସ୍‌ରେ ନିଆଁ

ଉଦଳା,୧୦।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ବସ୍‌ଷ୍ଟାଣ୍ଡଠାରୁ ୧ କି.ମି. ଦୂର ଉଦଳା-କପ୍ତିପଦା ରାସ୍ତାର ହୋଣ୍ଡା ସୋରୁମ୍ କେନାଲ ଛକ ନିକଟରେ ଶନିବାର ପୂର୍ବାହ୍ନରେ ଏକ ଯାତ୍ରୀବାହୀ ବସ୍‌ରେ ନିଆଁ ଲାଗି ଯାଇଥିଲା। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ୨୦ରୁ ଅଧିକ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଉଦଳାରୁ ପଦ୍ମପୋଖରୀ, ଔପଦା ଅଭିମୁଖେ ଯାଉଥିବା 'ଜୟ ଜଗନ୍ନାଥ' ନାମକ ଏକ ଘରୋଇ ବସ୍‌ର ସମ୍ମୁଖ ପାଖରୁ ହଠାତ୍ ଧୂଆଁ ବାହାରିଥିଲା। ଏହାକୁ ଦେଖି ଯାତ୍ରୀମାନେ ଭୟଭୀତ ହୋଇ ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ। ସଙ୍ଗେ ସଙ୍ଗେ ଉଦଳା ଦମକଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟ୍ ସର୍କିଟରୁ ନିଆଁ ଲାଗି ବସ୍‌ରୁ ଧୂଆଁ ବାହାରିଥିବା ଜଣାଯାଇଛି। ଉଦଳାରୁ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ଘରୋଇ ବସ୍‌ଗୁଡ଼ିକର ଫିଟ୍‌ନେସ୍ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ବସ୍‌ରେ କୌଣସି ଅଘଟଣ ଘଟିଲେ ସେଥିପାଇଁ କିଏ ଦାୟୀ ରହିବ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି।

## ବୋଟ୍ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ପଞ୍ଚାୟତବାସୀ




ଗୁରୁତର ରୋଗୀଙ୍କୁ ଟୁବି ଫେରି ଘାଟରେ ପାର କରାଯାଉଛି।

ମହାକାଳପଡ଼ା,୧୦।୪(ଡ଼ି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲାରେ ଉପାନ୍ତ ତଥା ନଦୀ ନାଳ ଘେରା ଅଞ୍ଚଳରେ ରୋଗୀ ସେବା ପାଇଁ ସରକାର ବୋଟ୍ ଆମ୍ବୁଲାନ୍ସ ସେବା ଯୋଗାଇ ଦେଇଛନ୍ତି । ଏହି ବୋଟ୍ ଆମ୍ବୁଲାନ୍ସ ବ୍ଲକର ବଡିଘର ପଞ୍ଚାୟତ ଦ୍ୱୀପାଞ୍ଚଳ ପାଇଁ ପ୍ରଶାସନ ସ୍ୱତନ୍ତ୍ର ଭାବେ ଯୋଗାଇ ଦେଇଛନ୍ତି, ତେବେ ପଞ୍ଚାୟତର ଗୁରୁତର ରୋଗୀ ଏହି ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି ।

ବଡିଘର ପଞ୍ଚାୟତ କଜଳ ପାଡିଆ ଗ୍ରାମର ରୋଗୀ ମାଧବ ଦାସ(୪୦), ଶନିବାର ଅପରାହ୍ଣରେ ବୋଟ୍ ଆମ୍ବୁଲାନ୍ସ ସହାୟତା ନେବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ଦାୟିତ୍ୱରେ ଥିବା କର୍ମଚାରୀ ମନା କରି ଥିଲେ । ବାଧ୍ୟ ହୋଇ ମାଧବଙ୍କ ଜଣେ ସମ୍ପର୍କୀୟ ଖରିନାଶି ଟୁବି ଫେରିଘାଟରେ ପହଞ୍ଚି ତାଙ୍କୁ କାନ୍ଧେଇ ଘାଟ ପାରି କରିଥିଲେ । ପରେ ଅନ୍ୟ ଏକ ବାଇକ୍‌ରେ ଡାକ୍ତରଖାନା ନେଇଥିଲେ। କେତେଜଣ ବୁଦ୍ଧିଜୀବୀ ଏହି ବୋଟ୍ ଆମ୍ବୁଲାନ୍ସ ସେବାର ସ୍ୱଚ୍ଛତାକୁ ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ଅଧିକାଂଶ ସମୟରେ ବଡିଘର ପଞ୍ଚାୟତରେ ପ୍ରସୂତି, ଶିଶୁ, ବୃଦ୍ଧା, ବୃଦ୍ଧ ରୋଗୀ ଏହି ବୋଟ୍ ସେବାରୁ ବଞ୍ଚିତ ହେଉଥିବା ରୋଗୀଙ୍କ ଭାଇ କେଶବ ଦାସ ଅଭିଯୋଗ କରିଛନ୍ତି ।

## ବନ୍ଧୁଛି ତାଡି: ରାସ୍ତାରେ ଭାସୁଛି ପାନୀୟ ଜଳ

ନାଉଗାଁ,୧୦।୪(ସ୍ୱ.ପ୍ର)

ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବଢୁଥିବାବେଳେ ରାଜ୍ୟ ସରକାର ପାନୀୟ ଜଳ ପ୍ରଦାନ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। କିନ୍ତୁ ନାଉଗାଁ ବ୍ଲକରେ କେଉଁଠି ପାନୀୟ ଜଳ ନଷ୍ଟ ହେଉଛି ତ ଆଉ କେଉଁଠି ଦୀର୍ଘଦିନ ହେବ ପ୍ରକଳ୍ପ ଅଚଳ ହୋଇ ପଡ଼ିରହିଛି। ମାତ୍ର ଗ୍ରାମ୍ୟ ଜଳ ପରିମଳ ବିଭାଗର ଅବହେଳା ଯୋଗୁ ପାନୀୟ ଜଳ ସୁଚାରୁ ରୂପେ ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହୋଇଛି।

ବ୍ଲକରେ ୧୬ଟି ପଞ୍ଚାୟତକୁ ପାନୀୟ ଜଳ ଯୋଗାଇବା ପାଇଁ ୨୩ଟି ପାନୀୟ ଜଳ ପ୍ରକଳ୍ପ ରହିଛି। ଏସବୁ ପ୍ରକଳ୍ପରୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ପ୍ରତି ରାଜସ୍ୱ ଓ ପଡ଼ା ଗ୍ରାମକୁ ପାଇପଲାଇନ୍ ବିଛାଯାଇଛି। ଏଥିସହ କିଛି ଦୂରରେ ପାନୀୟ ଜଳ ପ୍ରଦାନ ପାଇଁ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଛି। ତେବେ ଏସବୁ ଷ୍ଟାଣ୍ଡପୋଷ୍ଟରେ କେଉଁଠି ପ୍ଲାଟଫର୍ମ ଭାଙ୍ଗିଯାଇଛି ତ ଆଉ କେଉଁଠି ଟ୍ୟାପ ନ ଥିବାରୁ ପାଣି ବାହାରେ ଜମା ହୋଇ ରହୁଛି।



ପାଇକସାହି ଷ୍ଟାଣ୍ଡପୋଷ୍ଟରୁ ପାଣି ବାହାରୁଛି।



ନନ୍ଦୀଗ୍ରାମସ୍ଥିତ ପ୍ରକଳ୍ପ ଅଚଳ।

- ପାଇପ ଫାଟି ପାଣି ବୋହୁଛି
- ଷ୍ଟାଣ୍ଡ ପୋଷ୍ଟରେ ଟ୍ୟାପ୍ ଲାଗିନି
- ବିଭାଗୀୟ ଅଧିକାରୀଙ୍କ ଅବହେଳା ଅଭିଯୋଗ

ପାନୀୟ ଜଳ ଯୋଗାଣ ପାଇଁ ନିର୍ମାଣ କରାଯାଇଥିବା ପ୍ରକଳ୍ପ ମଧ୍ୟରୁ ଜାମୁଗାଁ, ତିରୁଣା ଓ ଡାବର ଆଦି ପ୍ରକଳ୍ପ ଅଚଳ ହୋଇ ପଡ଼ିରହିଛି। ସେହିପରି ପାନୀୟ ଜଳ ଯୋଗାଣ ନିମନ୍ତେ ମାଟି ତଳେ ବିଛା ଯାଇଥିବା ପାଇପ କାମ ନିମ୍ନମାନର ହୋଇଛି। ଫଳରେ ଅଧିକାଂଶ ସ୍ଥାନରେ ପାଇପ ଫାଟି ରାସ୍ତାରେ ପାଣି ବହୁଛି। ଏହାର ଉଦାହରଣ ଡେରିକି ପଞ୍ଚାୟତର ପାଇକସାହି, ନାଉଗାଁ ପଞ୍ଚାୟତର ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱ, କୋକିଡ଼ିହ ତେଲସରାକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ଦେଖିବାକୁ ମିଳିଛି। ଏସବୁ ସ୍ଥାନରେ ପାଇପ ଫାଟି ପାଣି ବାହାରକୁ ବାହାରୁଛି। ସେହିପରି ଜାମୁଗାଁ ପଞ୍ଚାୟତର ନନ୍ଦିଗ୍ରାମରେ ହୋଇଥିବା ପାନୀୟ ଜଳ ପ୍ରକଳ୍ପରେ ଠିକ୍ ଭାବେ ପାଇପ ସଂଯୋଗ ହୋଇନାହିଁ। ଫଳରେ ପ୍ରକଳ୍ପରୁ ପାଣି ବାହାରି ପାରୁନି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏଭଳି ସମସ୍ୟା ଉପୁଜିଥିବା ଚର୍ଚ୍ଚା ହେଉଛି। ପାନୀୟ ଜଳ ସୁଚାରୁ ରୂପେ ଯୋଗାଇଦେବା ପାଇଁ ପଞ୍ଚାୟତ ତରଫରୁ ଚତୁର୍ଦ୍ଦଶ ଓ ପଞ୍ଚଦଶ ଅର୍ଥ କମିଶନ ଅନୁଦାନରୁ ଶତକଡା ୩୦ ଭାଗ ଅର୍ଥ ଖର୍ଚ୍ଚ କରାଯାଉଛି। ସେହିପରି ପ୍ରକଳ୍ପଗୁଡ଼ିକୁ ତଦାରଖ ଓ ମରାମତି କରିବା ପାଇଁ ୩୯ ଜଣ ସ୍ୱାବଲମ୍ବୀ କାରିଗରଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କର ଦରମା ଓ ପ୍ରକଳ୍ପଗୁଡ଼ିକୁ ସଂଯୋଗ କରାଯାଇଥିବା ବିଦ୍ୟୁତ ବିଲ ବାବଦରେ ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଜନସାଧାରଣ ଠିକ୍ ଭାବେ ପାନୀୟ ଜଳ ପାଇ ପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ପ୍ରଦୀପ୍ତ ବରାଳ କହିଛନ୍ତି, ପାଇପ୍ ଫାଟିଥିବା ସ୍ଥାନରେ ପର୍ଯ୍ୟାୟକ୍ରମେ ମରାମତି କରାଯାଉଛି। ଏଥିସହ ଯେଉଁ ଷ୍ଟାଣ୍ଡ ପୋଷ୍ଟରେ ଟ୍ୟାପ ନାହିଁ, ଖୁବ୍‌ଶୀଘ୍ର ସେଠାରେ ଲଗାଯିବାକୁ ବ୍ୟବସ୍ଥା କରାଯିବ।

# ମୋରମ ପରେ ମାଙ୍କଡ଼ାପଥର ଲୁଟ୍

**ଯାଜପୁର ଅଫିସ/ରଗଡି(ଡି.ଏନ.ଏ.),୧୦।୪**

## ବ୍ୟାସନଗର ତହସିଲ
- ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନକୁ ଫୁ

ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନ-୨୦୧୪ ଅନୁଯାୟୀ ଯାଜପୁର ଜିଲାରେ ମାଙ୍କଡ଼ାପଥର ଉତ୍ତୋଳନ ପାଇଁ ଗୋଟିଏ ବି ଖାଦାନ ଅନୁମୋଦିତ ହୋଇନାହିଁ। ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ମାଇନିଂ ପ୍ଲାନ ଅନୁମୋଦନ ପରେ ପରିବେଶ ଅନୁମତି କିମ୍ବା ଖାଦାନ ପ୍ରତିଷ୍ଠା ଓ ପରିଚାଳନା ଭଳି କୌଣସି ଅନୁମତି ବିନା ମାଙ୍କଡ଼ାପଥର ଉତ୍ତୋଳନ ଜିଲାରେ ସାଧାରଣ କଥା ହୋଇଛି। ଜିଲାର ଦର୍ପଣ ତହସିଲ ପରେ ବ୍ୟାସନଗର ତହସିଲ ଅଞ୍ଚଳରେ ଏବେ ମାଙ୍କଡା ପଥର ଚୋରାଚାଲାଣ ହେଉଥିବା ଦେଖିବାକୁ ମିଳିଛି। ଏହି ତହସିଲ ଅନ୍ତର୍ଗତ ପଛିକୋଟ ରାଜସ୍ୱ ନିରୀକ୍ଷକ ସର୍କଲ ବେଲବାହାଲି ଗ୍ରାମର ପଛ ପାର୍ଶ୍ୱରେ ଥିବା ଏକ ସରକାରୀ ଜମି ଦଶହରାପଡ଼ିଆ ନିକଟରୁ ଦୈନିକ ବିପୁଳ ପରିମାଣର ମାଙ୍କଡା ପଥର ଲୁଟ୍ ହେଉଛି। ଉଭୟ ମାଙ୍କଡ଼ାପଥର ବ୍ୟବସାୟୀ ଓ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କ ମଧୁଚନ୍ଦ୍ରିକା ରହିଥିବା ସ୍ପଷ୍ଟ ମନେହେଉଛି।


ମାଙ୍କଡ଼ା ପଥର ଲୁଟ୍ ହେଉଥିବା ସ୍ଥାନ।

ବ୍ୟାସନଗର ତହସିଲ ଅଞ୍ଚଳରୁ ଯେତିକି ପରିମାଣର ମାଙ୍କଡ଼ାପଥର ଲୁଟ୍ ହେଲାଣି ତାକୁ ଆକଳନ କଲେ ପ୍ରାୟ ୫ କୋଟି ଟଙ୍କାର ରାଜସ୍ୱ ସରକାରଙ୍କ ହାତରୁ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀ ଓ ମାଫିଆମାନଙ୍କ ପକେଟକୁ ଚାଲିଯାଇଥିବା କୁହାଯାଉଛି। ଅନ୍ୟପକ୍ଷରେ ଯେଉଁ ବ୍ୟକ୍ତିମାନେ ମାଙ୍କଡ଼ାପଥର ଖନନ କରୁଛନ୍ତି ପ୍ରାୟ ସମସ୍ତେ ପ୍ରଭାବଶାଳୀ। ଜିଲାରେ ଏବେ କାହାରିକୁ ମାଙ୍କଡ଼ାପଥର ଉତ୍ତୋଳନ ନିମନ୍ତେ କୌଣସି ଲିଜ୍ ବା ପରମିଟ୍ ଦିଆଯାଇନାହିଁ। ମାତ୍ର ବ୍ୟାସନଗର ଅଞ୍ଚଳରେ ମାଫିଆମାନେ ମେଶିନ ସାହାଯ୍ୟରେ ରାତିତମାମ ଖନନ କରି ମାଙ୍କଡ଼ାପଥରକୁ ଭୋର ସମୟରେ ପରିବହନ କରୁଛନ୍ତି। ଛୁଟିଦିନଗୁଡ଼ିକରେ ଏଭଳି କାର୍ଯ୍ୟ ଖୁଲମଖୁଲା ହେଉଛି। ସ୍ଥାନୀୟ ଅଞ୍ଚଳର କେତେଜଣ ସରକାରୀ ଜମିରେ ପୋଖରୀ ଖୋଳିବାକୁ ଅନୁମତି ଆଣି ମାଙ୍କଡ଼ାପଥର ଲୁଟ୍ କରୁଥିବା ଗ୍ରାମବାସୀଙ୍କୁ କହିଛନ୍ତି। ମାଙ୍କଡ଼ାପଥର ଟ୍ରିପ୍ ପିଛା ୮୦୦୦ ଟଙ୍କାରେ ବିକ୍ରି କରୁଥିବା ଜଣାପଡିଛି। ବେଲବାହାଲି ଗ୍ରାମବାସୀ ଏହି ଲୁଟ୍ ପ୍ରସଙ୍ଗରେ ପଛିକୋଟ ରାଜସ୍ୱ ନିରୀକ୍ଷକ, ବ୍ୟାସନଗର ତହସିଲଦାର ଓ କୋରେଇ ପୋଲିସ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ପାରିନାହିଁ। ଏ ସଂକ୍ରାନ୍ତରେ ପଛିକୋଟ ରାଜସ୍ୱ ନିରୀକ୍ଷକ ରବିନାରାୟଣ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ମେଶିନ ସାହାଯ୍ୟରେ ପଥର କାଟିବାକୁ କାହାକୁ ଅନୁମତି ଦିଆଯାଇ ନାହିଁ। ଏହା ସମ୍ପୂର୍ଣ୍ଣ ବେଆଇନ ଭାବେ କଟାଯାଉଛି। ଏହି ପ୍ରସଙ୍ଗରେ ବ୍ୟାସନଗର ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇ ଖୁବ୍ ଶୀଘ୍ର ଉକ୍ତ ପଥର ମାଫିଆମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସୂଚନା ଯୋଗ୍ୟ ଯେ, ପୋଖରୀ ଖନନ ଅନୁମତି ଆଣି ବ୍ୟାସନଗର ତହସିଲ ଅଧୀନ ଖମିଗାଁ ମୌଜାରେ ଥିବା ପ୍ରାୟ ୬୫ ଏକର କାଜୁ ଜଙ୍ଗଲ ପାର୍ଶ୍ୱରୁ ମୋରମ ଚୋରାଚାଲାଣ ହେଉଛି। ୮୪ ଡେସିମିଲ ଜମିରେ ଅନୁମତି ଅଣାଯାଇଥିବାବେଳେ ୫ ଏକରରୁ ଊର୍ଦ୍ଧ୍ୱ ଜମି ଖୋଳା ଗଲାଣି। ସେହିପରି ୫ ଫୁଟ ଗଭୀର ଅନୁମତି ଥିବାବେଳେ ୧୫ ଫୁଟରୁ ଊର୍ଦ୍ଧ୍ୱ ଖନନ କରି ବିପୁଳ ପରିମାଣର ରାଜସ୍ୱହାନି କରାଯାଇଛି। ଏହାର ନିରପେକ୍ଷ ଭାବେ ମାପଚୁପ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସି ପାରନ୍ତା ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## ଆଜି କ'ଣ କେଉଁଠି

ରସୁଲପୁର
- ରସୁଲପୁର ପ୍ରେସ୍ ଫୋରମ୍ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ଅଧିକାର ସୁରକ୍ଷା ଆଲୋଚନାଚକ୍ର, ବ୍ରହ୍ମବରଦା କଲେଜ ପରିସର, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଛତିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସ ପ୍ରଦାନ

**ବଡ଼ଚଣା,୧୦।୪(ଡି.ଏନ.ଏ.):** ବଡ଼ଚଣା ବ୍ଲକ୍ ଅଧୀନ ଛତିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ୧୦୮ ଆମ୍ବୁଲାନ୍ସ ଦିଆଯାଇଛି। କାର୍ଯ୍ୟକ୍ରମରେ ଡା. ଅଶୋକ ମିଶ୍ର, ସାଗରିକା ତରାଇ, ଫାର୍ମାସିଷ୍ଟ ମରିଚିକା ମହାନ୍ତି, ସାମାଜିକ କର୍ମୀ ମିହିର ପ୍ରତାପ ଦାସ, ଅଭୟ ସାହୁ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଉକ୍ତ ଆମ୍ବୁଲାନ୍ସ ଦ୍ୱାରା ଲୋକଙ୍କୁ ଉଚିତ୍ ସମୟରେ ସେବା ମିଳିପାରିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ହିଙ୍ଗୁଳାଦେବୀଙ୍କ ଯଜ୍ଞ ଉତ୍ସବ ଉଦ୍‌ଯାପିତ

**ଜେନାପୁର,୧୦।୪(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁରଠାରେ ମହିମାମୟୀ ମା' ହିଙ୍ଗୁଳା ଦେବୀଙ୍କ ୧୮ତମ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୫ଦିନ ଧରି ଚାଲିଥିବା ଏହି ଯଜ୍ଞରେ କଳସ ଶୋଭାଯାତ୍ରା, ସୂର୍ଯ୍ୟ ପୂଜା ଓ ଗୋପୂଜା ଆଦି କରାଯାଇଥିଲା। ଶ୍ରଦ୍ଧାଳୁମାନେ କୋଭିଡ୍ ନିୟମ ମାନି ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବକୁ ଜେନାପୁର ପଞ୍ଚାୟତ ହିଙ୍ଗୁଳା କମିଟିର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

### ସାମୁଏଲ ହାନିମାନ୍‌ଙ୍କ ଜୟନ୍ତୀ ପାଳିତ

**ବରୀ,୧୦।୪(ଡି.ଏନ.ଏ.):** ବରୀ ବ୍ଲକ ଅଧୀନ ଅରଙ୍ଗାବାଦ ଚତରଠାରେ ହୋମିଓପ୍ୟାଥିକ ଚିକିତ୍ସା ବିଜ୍ଞାନର ଜନକ ଡ. ସି ଫେଡ୍ରିକ ସାମୁଏଲ ହାନିମାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବରୀର ଅଗ୍ରଣୀ ହୋମିଓ ପ୍ରତିଷ୍ଠାନ କମଳା ହୋମିଓ ସେବା ସଦନ ଏବଂ ଯୁଧିଷ୍ଠିର ତ୍ରିପାଠୀ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ କୁଞ୍ଜବିହାରୀ ଦାଶ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ବରୀ ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ ମଦନମୋହନ ପତି ଉଦ୍‌ଘାଟନ କରିଥିଲେ। ସମାରୋହର ଆବାହକ ଡ. ବିଶ୍ୱନାଥ ତ୍ରିପାଠୀ ଯୋଗଦେଇ ସାମୁଏଲ ହାନିମାନଙ୍କ ଜୀବନ ଦର୍ଶନ ଏବଂ ହୋମିଓପ୍ୟାଥିକ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ତାଙ୍କର ଥିବା ଅବଦାନ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ମନୋଜ ରାଉତ, ଅଜୟ ସାହୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହୋମିଓ ଭେଷଜ ସହାୟକ କାହ୍ନୁଚରଣ ନାୟକ, ଚିତ୍ତରଞ୍ଜନ ପାଢୀ, ହରପ୍ରସାଦ ପଣ୍ଡା, ସ୍ୱୟଂସମ୍ପୂର୍ଣ୍ଣା ତ୍ରିପାଠୀ, ଚଞ୍ଚଳା ତ୍ରିପାଠୀ, ତ୍ରିଲୋଚନ ପତି, ଭୂପତି ମଲ୍ଲିକ, ଚିନ୍ମୟ ଜେନା, ଖବରଦାତା ହିମାଂଶୁ ଶେଖର ଦାଶ, ରାଜକୁମାର ମହାନ୍ତି, ବିଶ୍ୱଭୂଷଣ ଜେନା, ଜିତେନ୍ଦ୍ର ଦାସ ଓ ବାଞ୍ଛାନିଧି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜୟ କୁମାର ପାଢୀ ଧନ୍ୟବାଦ ଦେଇଥିଲେ।

### ଶିକ୍ଷାନୁଷ୍ଠାନରେ କୋଭିଡ୍ ନିୟମ ଉଲ୍ଲଂଘନ

**ଚଣ୍ଡିଖୋଲ,୧୦।୪(ଡି.ଏନ.ଏ.):** ସରକାର କୋଭିଡ୍-୧୯ ନିୟମକୁ କଡ଼ାକଡ଼ି ଆରମ୍ଭ କରିଛନ୍ତି। ରାଜ୍ୟରେ ଅଧିକ ସଂଖ୍ୟାରେ ପଜିଟିଭ୍ ଚିହ୍ନଟ ପରେ ରାଜ୍ୟ ସରକାର ନବମ ଓ ଏକାଦଶ ଶ୍ରେଣୀକୁ ବନ୍ଦ କରିଛନ୍ତି। ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ କୌଣସି ସ୍କୁଲ ଖୋଲିପାରିବ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ହୋଇଛି। ତେବେ ଏହାକୁ ଅବମାନନା କରି ଗ୍ରାମାଞ୍ଚଳରେ କେତେକ ବେସରକାରୀ ଶିକ୍ଷାନୁଷ୍ଠାନ ଚାଲିଥିବା ନେଇ ଅଭିଯୋଗ ହୋଇଛି। ବଡ଼ଚଣା ବ୍ଲକ ସିହା ପଞ୍ଚାୟତର କୋଲାସିଂହଠାରେ ଏକ ଶିକ୍ଷାନୁଷ୍ଠାନ ଖୋଲାଯାଉଥିବା ଅଭିଯୋଗ ହୋଇଛି। ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ାଯାଉଥିବା ଉକ୍ତ ଶିକ୍ଷାନୁଷ୍ଠାନ ସକାଳ ୭ଟାରୁ ଦିନ ୧୦ପର୍ଯ୍ୟନ୍ତ ଖୋଲାଯାଉଛି। କୋଭିଡ୍ ନିୟମ ଅବମାନନା କରି ଶିକ୍ଷାନୁଷ୍ଠାନ ଚଲାଯାଉଥିବାରୁ ଛୋଟଛୋଟ ପିଲାଙ୍କ ସ୍ୱାସ୍ଥ୍ୟପ୍ରତି ବିପଦ ରହିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ଅଭିଯୋଗ ପାଇଲାପରେ ଦର୍ପଣ ତହସିଲଦାର ବରଣେନ୍ଦୁ ମହାନ୍ତି ନିଜ ଆଡୁ ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ତଥ୍ୟ ସଂଗ୍ରହ କରିଥିବା ସ୍ୱୀକାର କରିଛନ୍ତି। ତେଣୁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ରସୁଲପୁରରେ ୬ କରୋନା ସଂକ୍ରମିତ ଚିହ୍ନଟ

**ରସୁଲପୁର,୧୦।୪(ଡି.ଏନ୍.ଏ.)**

### ୨ ଗୁରୁତର

ରସୁଲପୁର ବ୍ଲକର ୪ ପଞ୍ଚାୟତରୁ ୬ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଦୁବୁରୀସ୍ଥିତ ଟାଟା କୋଭିଡ୍ କେୟାର ହସ୍ପିଟାଲକୁ ପଠାଇ ଦିଆଯାଇଛି। ଅନ୍ୟ ୪ଜଣଙ୍କୁ ଘରେ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଛି। ଦେଶରେ କରୋନାର ଦ୍ୱିତୀୟ ଲହର ଦ୍ରୁତ ସଂକ୍ରାମକ ହୋଇଥିବାବେଳେ ସପ୍ତାହକ ମଧ୍ୟରେ ଏହି ୬ଜଣଙ୍କୁ ମିଶାଇ ବ୍ଲକ ଅଞ୍ଚଳରୁ ମୋଟ ୧୨ଜଣ ରୋଗୀ ଚିହ୍ନଟ ହୋଇ ସାରିଲେଣି। ସେମାନଙ୍କ ମଧ୍ୟରୁ ୬ଜଣଙ୍କ ଅବସ୍ଥା ଗୁରୁତର ରହିଛି। ୧୨ଜଣଙ୍କ ମଧ୍ୟରୁ ୨ଜଣ ରାଜ୍ୟର କରୋନା ହଟ୍‌ସ୍ପଟ୍ ଅଞ୍ଚଳ ସୁନ୍ଦରଗଡ଼ ଓ କୋଲକାତା ଫେରନ୍ତା ବୋଲି ଜଣାପଡିଛି। ରସୁଲପୁର ବ୍ଲକ ସିଂହାପୁର ଅଞ୍ଚଳରୁ ଜଣେ ଯୁବକ ସୁନ୍ଦରଗଡ଼ ଅଞ୍ଚଳରୁ ୨ଦିନ ତଳେ ଘରକୁ ଆସିଥିଲେ। ସେ ଜ୍ୱର ଥଣ୍ଡା ରୋଗରେ ଆକ୍ରାନ୍ତ ହେବାରୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ସ୍ୱାବ ଟେଷ୍ଟ କରାଯାଇଥିଲା। ଏହାପରେ ସେ କରୋନା ପଜିଟିଭ୍ ଥିବା ଜଣାପଡିଥିଲା। ସେହିପରି ବ୍ରହ୍ମବରଦା ଅଞ୍ଚଳର ଜଣେ ଲୁଗା ବ୍ୟବସାୟୀ କୋଲକାତା ଯାଇ ଦୁଇଦିନ ତଳେ ଘରକୁ ଫେରିଥିଲେ। ଶନିବାର ତାଙ୍କର ସ୍ୱାବ ପରୀକ୍ଷା ହେବାରୁ ସେ କରୋନା ସଂକ୍ରମିତ ଥିବା ଜଣାପଡ଼ିଛି। ଆଉ ୨ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ଚାଷୀ ଓ ଅନ୍ୟଜଣେ ପରିବା ବ୍ୟବସାୟୀଙ୍କ ସ୍ତ୍ରୀ। ବାକି ଦୁଇଜଣ ପୂର୍ବରୁ କରୋନା ଚିହ୍ନଟ ହୋଇଥିବା ପରିବାର ଲୋକଙ୍କ ମଧ୍ୟରୁ ବୋଲି ଜଣାପଡ଼ିଛି।

## ବରୀକୁ ଫେରିଲା କରୋନା

**ବରୀ,୧୦।୪(ଡି.ଏନ.ଏ.)**

ବରୀକୁ ପୁଣି କରୋନା ସଂକ୍ରମଣ ଫେରିଛି। ଶନିବାର ଅଞ୍ଚଳରେ ୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ନେଇ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବରୀ ବ୍ଲକ ଅଧୀନ ମନ୍ଦାରୀ, ସାହୁପଡ଼ା, ଅନ୍ୟାସପୁର, ରମ୍ଭା ଓ ବାଲିବିଲ ପଞ୍ଚାୟତରୁ ସଂକ୍ରମଣ ବ୍ୟକ୍ତି ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏହି ସଂକ୍ରମିତମାନେ ବାହାର ରାଜ୍ୟରୁ ଆସିଥିଲେ ବୋଲି କୁହାଯାଉଛି। କରୋନା ସଂକ୍ରମଣ ରୋକିବା କ୍ଷେତ୍ରରେ ପ୍ରଶାସନିକସ୍ତରରେ କୌଣସି ଉଦ୍ୟମ କରାଯାଉ ନ ଥିବାରୁ ଆଗାମୀ ଦିନରେ ଅଧିକ ସଂକ୍ରମଣ ହେବା ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ମାସ୍କ ପରିଧାନ କରିବା, ସମଦୂରତା ରକ୍ଷା କରିବାକୁ ଗୁରୁତ୍ୱ ଦିଆଯାଉଛି। ମାତ୍ର କେତେଜଣ ଅମାନିଆ ଏହି ନିର୍ଦ୍ଦେଶକୁ ଫୁ' କରି ବିଭିନ୍ନ ବଜାର ଘାଟରେ ବୁଲୁଛନ୍ତି। ଯାହା ଅନ୍ୟମାନଙ୍କ ପାଇଁ ବିପଦ ହେବ ବୋଲି କୁହାଯାଉଛି।

## ବଜ୍ରପାତରେ ୪ ଆହତ, ବହୁ ଘର କାନ୍ଥ ଫାଟିଲା

**ବଡ଼ଚଣା,୧୦।୪(ଡି.ଏନ.ଏ.)**

ଶୁକ୍ରବାର ବିଳମ୍ବିତ ରାତିରେ ଦର୍ପଣ ତହସିଲ ଅଧୀନ ସମିଆ ପଞ୍ଚାୟତର ବଡ଼ଶିଳା ଗ୍ରାମରେ ବଜ୍ରପାତ ଘଟି ଗୋଟିଏ ପରିବାରର ୪ ସଦସ୍ୟ ଆହତ ହୋଇଛନ୍ତି। ଏଥିସହିତ ଗ୍ରାମର ବହୁ ବ୍ୟକ୍ତିଙ୍କ ଘର କାନ୍ଥ ଫାଟିବା ସହ ବିଦ୍ୟୁତ୍ ସରଞ୍ଜାମ ଜଳିଯାଇଛି। ବଜ୍ରପାତରେ ଗ୍ରାମର ସୁରେଶ ବେହେରା (୪୮), ନୀଳମଣି ବେହେରା (୪୦), ସନ୍ତୋଷିନୀ ବେହେରା (୨୫) ଓ ନମିତା ବେହେରା (୨୨) ଆହତ ହୋଇଛନ୍ତି। ଏଥିସହ ତାଙ୍କ ଘର ନିକଟସ୍ଥ କୈଳାସ ବେହେରା, ସୁରେଶ ବେହେରା, ନୀଳମଣି ବେହେରା ଓ ଝୁନୁନା ବେହେରାଙ୍କ ଘର କାନ୍ଥ ଫାଟିବା ସହ ସେମାନଙ୍କ ଘରର ବହୁ ସରଞ୍ଜାମ ଜଳିଯାଇଛି। ଗ୍ରାମବାସୀ ଆହତଙ୍କୁ ଉଦ୍ଧାର କରିବା ସହ ନିଆଁକୁ ଆୟତ୍ତ କରିଥିଲେ। ଦର୍ପଣ ତହସିଲ ପକ୍ଷରୁ ଅତିରିକ୍ତ ରାଜସ୍ୱ ନିରୀକ୍ଷମ ମଧୁସୂଦନ ହାଇବ୍ରୁ ବଡ଼ଶିଳା ଗ୍ରାମରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି।

## ମୂର୍ତ୍ତି ପଥର ବୋଝେଇ ଟ୍ରାକ୍ଟର ଜବତ

**ଚଣ୍ଡିଖୋଲ,୧୦।୪(ଡି.ଏନ.ଏ.)**

ଦର୍ପଣ ତହସିଲ ଅନ୍ତର୍ଗତ ଅସିହା ପର୍ବତମାଳାର ଅଂଶ ବିଶେଷ ହେଉଛି ଚଣ୍ଡିଆ ପାହାଡ଼। ଏହି ପାହାଡ଼ରୁ ମୂଲ୍ୟବାନ ମୂର୍ତ୍ତିପଥର ମିଳିଥାଏ। ଏହି ପଥର ଗୁଡ଼ିକର ଦାମ ଅଧିକା ହୋଇଥିବାରୁ ଚୋରା ବ୍ୟବସାୟୀମାନେ ବ୍ୟାପକ ଭାବେ ଖନନ କରି ଚୋରା ଚାଲାଣ କରୁଛନ୍ତି। ଶନିବାର ଚଣ୍ଡିଖୋଲ ବନ ବିଭାଗ ତରଫରୁ ଚଢ଼ାଉ କରାଯାଇ ଚଣ୍ଡିଆ ପାହାଡ଼ରୁ ମୂର୍ତ୍ତିପଥର ନେଇ ଆସୁଥିବା ଏକ ଟ୍ରାକ୍ଟରକୁ ଜବତ କରାଯାଇଛି। ଜବତ ଟ୍ରାକ୍ଟରଟି ପାହାଡ଼ରେ ପଥର ବୋଝେଇ କରୁଥିବା ସମୟରେ ବନ ବିଭାଗ ତରଫରୁ ଚଢ଼ାଉ କରାଯାଇଥିଲା। ଗାଡ଼ିକୁ ଛାଡ଼ି ଦେଇ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଚଣ୍ଡିଖୋଲ ଫରେଷ୍ଟର ଶଶିକାନ୍ତ ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲାବେଳେ ଘଟଣା ସ୍ଥଳରୁ ଖନନକାରୀମାନେ ମଧ୍ୟ ଫେରାର ହୋଇଯାଇଥିଲେ। ଟ୍ରାକ୍ଟରକୁ ଜବତ କରି ଚଣ୍ଡିଖୋଲ ସ୍ଥିତ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଛି। ସୂଚନା ଥାଉକି, ଏହି ପାହାଡ଼ରୁ ଦିନ ଦ୍ୱିପ୍ରହରରେ ବେଆଇନ ଖନନ ଚାଲିଥିଲାବେଳେ ରାଜସ୍ୱ ବିଭାଗ କିମ୍ବା ପୋଲିସ୍ ତରଫରୁ କେବେବି ଚଢ଼ାଉ କରାଯାଉ ନାହିଁ। ଟ୍ରାକ୍ଟର ଜରିଆରେ ୧୦ରୁ ଊର୍ଦ୍ଧ୍ୱ ଗାଡ଼ି ବାହାରକୁ ଚୋରା ଚାଲାଣ କରାଯାଉଛି। ଯେଉଁଥି ପାଇଁ ଦୈନିକ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ଘଟୁଛି।



ଜବତ ଟ୍ରାକ୍ଟରରେ ମୂର୍ତ୍ତି ପଥର ରହିଛି।

## ସମିଆ ଉପନିର୍ବାଚନ ପାଇଁ କଂଗ୍ରେସର ପ୍ରସ୍ତୁତି

**ବଡ଼ଚଣା,୧୦।୪(ଡି.ଏନ.ଏ.)**

ଆସନ୍ତା ୨୮ରେ ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସମିଆ ପଞ୍ଚାୟତରେ ସମିତିସଭ୍ୟା ପଦ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ପଞ୍ଚାୟତ କଂଗ୍ରେସ ସଭାପତି ରମାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଦେହୁରିଗଡ଼ା ଭାଗବତ ଟୁଙ୍ଗିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ଯୁବ ନେତା କ୍ୟାପଟେନ୍ ରାଜନାରାୟଣ ମହାପାତ୍ର ଯୋଗଦେଇ ଦଳୀୟ ସମର୍ଥିତ ପ୍ରାର୍ଥିନୀ ଗୌରୀ ଜେନାଙ୍କୁ ବିଜୟୀ କରିବା ପାଇଁ କର୍ମୀଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦୀପ୍ତ ମହାନ୍ତି, ଗୌରାଙ୍ଗ ଦାସ, ଚକ୍ରଧର ବ୍ରହ୍ମ, ରାଜେନ୍ଦ୍ର ପାତ୍ର, ବୁଦ୍ଧିରାମ ବାଙ୍କିରା, ଅଶୋକ ବ୍ରହ୍ମ, ଆଲୋକ ମଳିକ ଓ କାବୁଲା ଦାସ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ବଡ଼ଚଣାରେ ୨୧,୪୪୩ ଜଣଙ୍କୁ ଟିକା


ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟରେ ଟିକା ପ୍ରଦାନ କରାଯାଉଛି।

**ଚଣ୍ଡିଖୋଲ,୧୦।୪(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମେ ୬୦ବର୍ଷରୁ ଊର୍ଦ୍ଧ୍ୱ ଓ ପରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହିକ୍ରମରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟ, ବାଉଜଙ୍ଗ ପ୍ରାଥମିକ ଚିକିତ୍ସାଳୟ ଓ ଛତିଆ ପ୍ରାଥମିକ ଚିକିତ୍ସାଳୟରେ ଟିକା ପ୍ରଦାନ କରାଯାଇଛି। ଗତ ମାସ ୧୬ ତାରିଖରୁ ଟିକାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଅଦ୍ୟାବଧି ୨୧,୪୪୩ଜଣଙ୍କୁ ଟିକା ଦିଆଯାଇଛି। କେତେକ ସ୍ଥାନରେ ଶୁକ୍ରବାର ଟିକା ଶେଷ ହୋଇଥିଲାବେଳେ ଶନିବାର ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ଶେଷ ହୋଇଯାଇଛି। ପୁନଃର୍ବାର ଟିକା ଆସିଲେ ପ୍ରଦାନ କରାଯିବ ବୋଲି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି। ତେବେ ଏପର୍ଯ୍ୟନ୍ତ ଟିକା ନେଇଥିବା ବ୍ୟକ୍ତିମାନେ ସୁସ୍ଥ ଥିବା ଜଣାପଡ଼ିଛି। ସେଭଳି କୌଣସି ପାର୍ଶ୍ୱପ୍ରତିକ୍ରିୟା ଦେଖା ଦେଇନାହିଁ।

## ଢଳେଇ ରାସ୍ତାରେ କାଦୁଅ

- ବେଆଇନ ମାଟି ପରିବହନ ଯୋଗୁ ଯାତାୟାତ ଠପ୍
- ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି

**ବାଲିଚନ୍ଦ୍ରପୁର,୧୦।୪(ସ୍ୱ.ପ୍ର.)**

ବଡ଼ଚଣା ବ୍ଲକ ଅଧୀନ ଅଣକା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଖଡ଼ିଅଙ୍ଗରୁ ଗଡ଼ଜିତ ପର୍ଯ୍ୟନ୍ତ ନୂତନ ସଡ଼କ ନିର୍ମାଣ କାରଯାଇଛି। ମାତ୍ର ଶୁକ୍ରବାର ରାତିରେ ହୋଇଥିବା ଅସରାଏ ବର୍ଷାରେ ଉକ୍ତ ଢଳେଇ ରାସ୍ତା କାଦୁଅ ପଚପଚ ହୋଇଛି। ସୂଚନାଯୋଗ୍ୟ, ଦକ୍ଷିଣକୂଳ-ଖଡ଼ିଅଙ୍ଗ ମଧ୍ୟସ୍ଥଳରୁ ଏକ ସରକାରୀ ଜମିରୁ ମାଟି ମାଫିଆ ଜେସିବି ସହାୟତାରେ ମାଟି ତାଢି ଟ୍ରାକ୍ଟର ଯୋଗେ ଚାଲାଣ କରୁଛନ୍ତି। ମାଫିଆ ଟ୍ରାକ୍ଟରରେ ଓଭର ଲୋଡ୍ କରି ବୋହିବା ଫଳରେ ରାସ୍ତାରେ ମାଟି ପଡ଼ି ଜମାହେଉଛି। ମାସମାସ ଧରି ଏହି ଚୋରା ଚାଲାଣ ହେଉଥିବା କାରଣରୁ କଂକ୍ରିଟ ରାସ୍ତା ଉପରେ ପ୍ରାୟ ଏକ ଫୁଟ ବହଳର ମାଟି ପଡ଼ିଛି। ରାତିରେ ବର୍ଷା ହେବା ପରେ ଏକ କିଲୋମିଟରରୁ ଅଧିକ ଲମ୍ବର କଂକ୍ରିଟ ରାସ୍ତା କାଦୁଅ ରାସ୍ତାରେ ପରିଣତ ହୋଇଛି। ଫଳରେ ରାସ୍ତାରେ ଯାତାୟାତ ଠପ୍ ହୋଇ ଯାଇଥିଲା। ରାସ୍ତା ଉପରେ ଅଣକା, ଅଚ୍ୟୁତବସନ୍ତ, ମଝିପଡ଼ା ଓ ଧର୍ମଶଳା ବ୍ଲକ ଅଧୀନ ଅରେଇକଣା ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ଖଡ଼ିଅଙ୍ଗ ପ୍ରାଥମିକ ଚିକିତ୍ସାଳୟକୁ ଯାଉଥିବା ରୋଗୀ ଶନିବାର ନାହିଁ ନ ଥିବା ଅସୁବିଧା ଭୋଗିଥିବା ବେଳେ ଖଡିଅଙ୍ଗ ହାଇସ୍କୁଲ ଓ ନୂଆହାଟ ମାହାବିଦ୍ୟାଳୟକୁ ଯାଉଥିବା ପିଲା ପଢ଼ିଆ ପଟେ ସାଇକେଲ କାନ୍ଧେଇ ଯାଉଥିବା ଦେଖିବାକୁ ମିଳିଥିଲା। ତେବେ ବେଆଇନ ମାଟି ପରିବହନ ନେଇ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଯେଉଁଥିପାଇଁ ଏପରି ଅବସ୍ଥା ଭୋଗିବାକୁ ହେଲା ବୋଲି ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି। ତେଣୁ ଏ ଦିଗରେ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେବାକୁ ସେମାନେ ନିବେଦନ କରିଛନ୍ତି। ଯଦି ପ୍ରଶାସନ କିଛି ପଦକ୍ଷେପ ନ ନିଏ ଲୋକେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।


ଢଳେଇ ରାସ୍ତାରେ ମାଟି ପଡ଼ିବା ଯୋଗୁ କାଦୁଅ ହୋଇଛି।

## ମଣିପୁର ନିକଟରେ ଗଳିପୋଲ ନିର୍ମାଣ ଦାବି

**ପାଣିକୋଇଲି, ୧୦।୪(ଡି.ଏନ.ଏ.)**

ଚଣ୍ଡିଖୋଲ-ଭଦ୍ରକ ୧୬ ନମ୍ବର ଜାତୀୟ ରାଜପଥର ୬ ଲେନ୍ କାମ ଚାଲିଛି। ମାତ୍ର ପାଣିକୋଇଲି ବଜାରରୁ ମଣିପୁର ପର୍ଯ୍ୟନ୍ତ ୨ କିଲୋମିଟର ମଧ୍ୟରେ କୌଣସି ଅଣ୍ଡରପାସ (ଗଳିପୋଲ) ରଖାଯାଇନାହିଁ। ଫଳରେ ୩ ପଞ୍ଚାୟତର ୭ ଗ୍ରାମର ବାସିନ୍ଦା ଭବିଷ୍ୟତରେ ଅନେକ ଅସୁବିଧା ଭୋଗିବା ସ୍ପଷ୍ଟ ହୋଇଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ୭ ଗ୍ରାମର ଲୋକେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ପାଣିକୋଇଲି, ପଥରପଦା ଓ ଗୋଳେଇପୁର ପଞ୍ଚାୟତର ଅଳତିରି, କାଙ୍କଲା, ଖଜିରପୁର, ମଣିପୁର, ଦାମୋଦରପୁର, ବାଟୁଳ ଆଦି ଗ୍ରାମର ସଂଯୋଗୀକରଣ ଜାତୀୟ ରାଜପଥ ସହିତ ରହିଛି। ପ୍ରତି ଗ୍ରାମର ଚାଷ ଜମି ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ରହିଛି। ଏଥିସହିତ ମଣିପୁର ଗ୍ରାମକୁ ଜାତୀୟ ରାଜପଥ ଦୁଇ ଭାଗରେ ବିଭକ୍ତ କରିଛି। ଗୋଟିଏ ପାର୍ଶ୍ୱରେ ବିଦ୍ୟାଳୟ ଥିବାରୁ ପିଲାମାନେ ରାଜପଥ ପାର ହୋଇ ଆସିବା ସମ୍ଭବ ହେଉନାହିଁ। ଅନ୍ୟ ପଟେ ଚାଷୀ ରାସ୍ତା ପାର ହୋଇ ଚାଷ କରି ଅମଳ ପରେ ଅର୍ଜିତ ଫସଲକୁ କିପରି ରାସ୍ତା ପାର କରିବ ତାକୁ ନେଇ ପ୍ରଶ୍ନ ଉଠିଛି। ଫଳରେ ଉଭୟ ପାର୍ଶ୍ୱର ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି କୁହାଯାଉଛି। ଏଥିସହିତ ସେମାନେ ଗ୍ରାମ ରାସ୍ତାରୁ ଉଠି ରାଜପଥରେ ରଙ୍ଗରୁଟ୍‌ରେ ସର୍ଭିସରୋଡ୍‌ରେ ଯାତାୟାତ କରିବାକୁ ବାଧହେବେ। ପାଣିକୋଇଲି ଶର୍ମା ପେଟ୍ରୋଲ ପମ୍ପଠାରୁ ମଣିପୁର ମଧ୍ୟରେ ଏକ ଗଳିପୋଲ ଅତ୍ୟନ୍ତ ଜରୁରୀ। ଗମନାଗମନ ଦୃଷ୍ଟିରୁ ତୁରନ୍ତ ଏକ ଗଳିପୋଲ ନିର୍ମାଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।



**ଚଳନ୍ତା କାର ଜଳିଗଲା**

**ନୟାଗଡ଼ ଅଫିସ**-ରାସ୍ତା ଉପରେ ଯାଉଥିବା ବେଳେ ଏକ କାର(ନଂ.ଓଡ଼ି୨୫ଯେ ୦୯୦୦)ରେ ନିଆଁ ଲାଗି ଯାଇଥିଲା । ଏଥିରେ ଥିବା ଯାତ୍ରୀମାନଙ୍କୁ ଲୋକେ ଉଦ୍ଧାର କରିଛନ୍ତି । ଶନିବାର ରାତିରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ.ଜାତୀୟ ରାଜପଥର ବିଜିପୁର ଗେଟ ନିକଟରେ ଏହି ଘଟଣା ଘଟିଛି । କାରଟି ନୟାଗଡ଼ରୁ ରାଜ ସୁନାଖଳା ଆସୁଥିଲା । ହଠାତ୍ ଗାଡ଼ିର ଇଞ୍ଜିନରୁ ନିଆଁ ବାହାରିଥିଲା । ଡ୍ରାଇଭର ଗାଡିକୁ ଭୀମପଡା ବଜାରରେ ଅଟକାଇଥିଲେ । ବୋଲଗଡ଼ ଦମକଳ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ ।

## ସଂକ୍ଷେପରେ

### ଗୋରୁଙ୍କ କବ୍‌ଜାରେ ନୟାଗଡ଼ ସହର



**ନୟାଗଡ଼ ଅଫିସ,୧୦।୪:** ନୟାଗଡ଼ ସହର ଏନଏସିରୁ ମ୍ୟୁନିସିପାଲିଟି ହେଲାଣି। ହେଲେ ରାସ୍ତାରେ ଗୋରୁଙ୍କର ଉତ୍ପାତ କମିଲା ନାହିଁ । ଗୋରୁ ଓ ବୁଲା କୁକୁର ରାସ୍ତା ଉପରେ ଠିଆ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ଅନ୍ୟପକ୍ଷରେ ମାଲିକମାନେ ନିଜ ଗୋରୁଙ୍କୁ ଗୁହାଳରେ ନ ରଖି ବଜାରକୁ ଛାଡି ଦେଉଛନ୍ତି । ସେପରି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି ।

### ସାଢ଼େ ୫ ଗ୍ରାମ ବ୍ରାଉନସୁଗାର ଜବତ

**ନୟାଗଡ଼ ଅଫିସ,୧୦।୪:** ନୟାଗଡ଼ ସଦର ଥାନା ପୋଲିସ ଡାହୁକାନଦୀର ଜାମୁବଣୀରେ ଚଢ଼ାଉ କରି ସାଢ଼େ ୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି । ଏହି ଘଟଣାରେ ବ୍ରାଉନସୁଗାର ବ୍ୟବସାୟୀ ନୟାଗଡ଼ ଟାଉନ ଥାନା ସିନ୍ଧୁରିଆ ଗାଁର ବରେନ ଖାଁ(୩୫)ଙ୍କୁ ଗିରଫ କରିଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ,୫୨/୨୧) ରୁଜୁ କରି ପୋଲିସ ବରେନଙ୍କୁ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି ।

### ବାଇକ ଧକ୍କାରେ ଖବରଦାତା ଆହତ

**ନୟାଗଡ଼ ଅଫିସ,୧୦।୪:**ବଲାଙ୍ଗୀର ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଜଗନ୍ନାଥ ମନ୍ଦିର ନିକଟରେ ବାଇକ ଧକ୍କାରେ ଖବରଦାତା ଗୋକୁଳ ଷଡଙ୍ଗୀ(୫୦) ଆହତ ହୋଇଛନ୍ତି । ଗୋକୁଳ ନୟାଗଡ଼ ବଜାରରୁ ନିଜ ଘର ପୁରୁଣା ସହରକୁ ବାଇକ୍‌ରେ ଫେରୁଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଗୋକୁଳଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ।

### ବିଦ୍ୟାଳୟରୁ ଲୁଚି ପଳାଉଥିଲେ ଛାତ୍ରୀଛାତ୍ର

**ନୟାଗଡ଼ ଅଫିସ,୧୦।୪:** ନୟାଗଡ଼ ପାଣିପୋଇଲାସ୍ଥିତ କଳା ପରିଷଦ ଆଶ୍ରମ ବିଦ୍ୟାଳୟରୁ ଲୁଚି ପଳାଉଥିବା ୧୬ ବର୍ଷର ନାବାଳକ ଓ ୧୪ ବର୍ଷର ନାବାଳିକାଙ୍କୁ ନୟାଗଡ଼ ଟାଉନ ଥାନା ପୋଲିସ ଉଦ୍ଧାର କରିଛି । ଏହି ଦୁଇ ଜଣଙ୍କୁ ସିଡବ୍ଲ୍ୟୁସିରେ ହାଜର କରାଯାଇ ପୁଣି ଆଶ୍ରମ ବିଦ୍ୟାଳୟରେ ଛଡ଼ାଯାଇଛି। ଦୁଇ ଛାତ୍ରୀଛାତ୍ର ସାଇକେଲ ଯୋଗେ ଲୁଚି ପଳାଉଥିବାବେଳେ ପୋଲିସର ପାଟ୍ରୋଲିଂ ଗାଡ଼ି ମିଶ୍ର କଲୋନି ନିକଟରେ ଶୁକ୍ରବାର ରାତିରେ ଉଭୟଙ୍କୁ ଧରିବାରେ ସକ୍ଷମ ହୋଇଥିଲା ।

# ଗ୍ରାମବାସୀ ଲିଭାଇଲେ ଜଙ୍ଗଲ ନିଆଁ

**ନୟାଗଡ଼ ଅଫିସ,୧୦।୪**



ଜଙ୍ଗଲ ସୁରକ୍ଷାରେ ସାମିଲ ହୋଇଥିବା ମହିଳାମାନେ।

- ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କଲେ
- ବନ ବିଭାଗ ସହଯୋଗ କଲାନାହିଁ
- ଠେଙ୍ଗାପାଳିରେ ଦିଆଯାଉଛି ସୁରକ୍ଷା

ଠେଙ୍ଗାପାଳିରେ ସୁରକ୍ଷା ହେଉଥିବା ଜଙ୍ଗଲରେ ଚଳିତ ବର୍ଷ ନିଆଁ ଲିଭାଇବା କାଠିକର ପାଠ ହୋଇଥିଲା। ବର୍ଷା ନ ଥିବାରୁ ପାଣିର ଅଭାବ ରହିଥିଲା । ଫଳରେ ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜର ଅଧିକାଂଶ ଜଙ୍ଗଲରେ ନିଆଁ ବ୍ୟାପୀ ଚାଲିଥିଲା। ତେବେ ଗାଁ ଲୋକ ଏକାଠି ହୋଇ ଜଙ୍ଗଲରୁ ନିଆଁ ଲିଭାଇବାରେ ସକ୍ଷମ ହୋଇଥିଲେ। ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଆଦିବାସୀମାନେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ । ନିଆଁ ଲଗାଉଥିବା ବ୍ୟକ୍ତିମାନେ ଧରାପଡିଲେ ସେମାନଙ୍କୁ ଆଇନ ଅନୁସାରେ ଦଣ୍ଡିତ କରାଯିବ ବୋଲି ଚେତାବନୀ ଦେଇଥିଲେ। ବନବିଭାଗର ସହଯୋଗ ନ ପାଇ ମଧ ନିଜ ପାଇଁ ନିଜ ଜଙ୍ଗଲକୁ ବାଙ୍କତଇଲା ଓ ମୁଣ୍ଡୁଳି ଗାଁର ଆଦିବାସୀମାନେ ସୁରକ୍ଷା କରି ରଖି ଅନ୍ୟପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ।

ଟାକେରା ପଞ୍ଚାୟତ ବାଙ୍କତଇଲା ଗାଁରେ ୪୯୦ ଆଦିବାସୀ ପରିବାର ବାସ କରନ୍ତି । ସେଠାର ଲୋକମାନେ ଗାଁର ଠେସରା ଜଙ୍ଗଲର ପ୍ରାୟ ୨୦୦ ଏକର ଓ ବାଇସିପଲ୍ଲୀ ଅଭୟାରଣ୍ୟର ପ୍ରାୟ ୨୦୦ ଏକର ଜଙ୍ଗଲକୁ ଠେଙ୍ଗାପାଳିରେ ସୁରକ୍ଷା ଦେଉଛନ୍ତି । ଗତ କିଛିଦିନ ତଳେ ପାମ୍ପରଡାର ଠେସରା ଜଙ୍ଗଲରୁ ନିଆଁ ବାଙ୍କତଇଲା ଜଙ୍ଗଲକୁ ବ୍ୟାପୀ ଥିଲା । ଦିନକ ପରେ ଗାଁଲୋକ ନିଆଁ ଲାଗିବା ଜାଣି ଥିଲେ । କେତେଜଣ ଲୋକ ନିଆଁକୁ ଆୟତ୍ତ କରିବାକୁ ଯାଇଥିଲେ । ହେଲେ ନିଆଁ ଲିଭିନ ଥିଲା । ପରେ ଗାଁଲୋକ ମିଳିତ ହୋଇ ନିଆଁକୁ ଆୟତ କରି ପାରିଥିଲେ । ପରେ ଶାଳଭଙ୍ଗା ଗାଁ ନିକଟସ୍ଥ ଜଙ୍ଗଲରୁ ପୁଣି ନିଆଁ ଉଡି ବାଙ୍କତଇଲା ଜଙ୍ଗଲରେ ଲାଗିଥିଲା। ଗାଁ ଲୋକ ୨ଦିନ ଧରି ନିଆଁ ଲିଭାଇବାରେ ଲାଗି ପଡିଥିଲେ। ହେଲେ ନିଆଁ ଲିଭାଇ ପାରି ନଥିଲେ। ତୃତୀୟ ଦିନରେ ନିଆଁ ଆପେ ଆପେ ଲିଭି ଯାଇଥିଲା । ଶୁଖିଲା ପତ୍ର ପୋଡ଼ି ଯିବା ପରେ ଗାଁଲୋକ ସୁବିଧାରେ ନିଆଁ ଲିଭାଇ ପାରିଥିଲେ। ଅନ୍ୟପକ୍ଷେ ବରିଗଡ ପାହାଡରେ ନିଆଁ ଲାଗିଥିଲା। ଏଠାରେ ନିଆଁ ବ୍ୟାପୀ ଚାଲିଥିଲା। ମୁଣ୍ଡୁଳି ଓ ଆଖପାଖ ଗାଁ ଧୂଆଁମୟ ହୋଇଥିଲା। ମୁଣ୍ଡୁଳି ଗାଁର ମହିଳା ଓ ପୁରୁଷମାନେ ଏକାଠି ହୋଇ ନିଆଁକୁ ଆୟତ କରିଥିଲେ। ଏନେଇ ମୁଣ୍ଡୁଳି ଗାଁର ନିତ୍ୟାନନ୍ଦ ଜାନୀ କୁହନ୍ତି,ଜଙ୍ଗଲ ଆମର ମାଆ ପରି । ଆମର ପୁର୍ବପୁରୁଷମାନେ ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଥିଲେ । ସେମାନଙ୍କଠାରୁ ଶିଖି ଆମେ ଆମ୍ବ, ଢ଼ିଙ୍କି ଢ଼ିଙ୍କିଆ, ଆମ୍ବଦମକ, ନଦୀକାନ୍ଥ ଭଳି ଜଙ୍ଗଲକୁ ଠେଙ୍ଗାପାଳିରେ ସୁରକ୍ଷା ଦେଇ ଆସୁଛୁ । ଆମ ଜଙ୍ଗଲକୁ ବନବିଭାଗର ସହଯୋଗ ମିଳୁ ନ ଥିଲେ ମଧ ଆମେ ଆମ କର୍ତ୍ତବ୍ୟରୁ କେବେ ଓହରି ନାହୁଁ । ବାଙ୍କତଇଲା ଗାଁର ଲକ୍ଷ୍ମୀଧର ମୁଦୁଲି କୁହନ୍ତି ଆମ ଗାଁରେ ପାଣି ସଙ୍କଟ ଦେଖା ଦେଇଛି। ତଥାପି ବହୁ କଷ୍ଟରେ ଗାଁ ଜଙ୍ଗଲରୁ ନିଆଁ ଲିଭାଇଛୁ। ଆମ ସୁରକ୍ଷାରେ ରହିଥିବା ବାଇଶିପଲ୍ଲୀ ଅଭୟାରଣ୍ୟରେ ମଧ ନିଆଁ ଲାଗିଥିଲା। ଆମ ସହ ଅଭୟାରଣ୍ୟର କର୍ମଚାରି ଆସି ନିଆଁ ଲିଭାଇଥିଲେ। ବୁଗୁଡ଼ା ବାଙ୍କତଇଲା ସୀମାରୁ ନିଆଁ ଆସି ଅଭୟାରଣ୍ୟରେ ଲାଗିଥିଲା ବୋଲି କହିଛନ୍ତି । ଏବେ ଆମେ ଆମ ଜଙ୍ଗଲର ସୀମା ନିର୍ଦ୍ଧାରଣ କରି ସାରିଛୁ। ଜଙ୍ଗଲ ଆମକୁ ବଞ୍ଚିବାର ରାହା ଯୋଗାଇଛି। ଆମେ ଜଙ୍ଗଲକୁ ନଷ୍ଟ ହେବାକୁ ଦେବୁ ନାହିଁ ବୋଲି କହିଛନ୍ତି ।

# ମହାନଦୀ ବଞ୍ଚାଅ ଆନ୍ଦୋଳନ



ସତ୍ୟାଗ୍ରହରେ ସାମିଲ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କର୍ମକର୍ତ୍ତା ।

**ଖଣ୍ଡପଡ଼ା,୧୦।୪ (ସ୍ୱ.ପ୍ର.)**

ମହାନଦୀ ବଞ୍ଚାଅ ଆନ୍ଦୋଳନର ୨୧ତମ ଟ୍ରିବ୍ୟୁନାଲ ଶୁଣାଣି ଅବସରରେ ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଶାଖା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଶନିବାର ସ୍ଥାନୀୟ ମହାନଦୀଘାଟ ଗଙ୍ଗାଦେବୀ ମନ୍ଦିର ନିକଟରେ ସତ୍ୟାଗ୍ରହ କରାଯାଇଥିଲା । ମହାନଦୀ ଟ୍ରିବୁନାଲ ଅନ୍ତରୀଣ ନିର୍ଦ୍ଦେଶ ଦେବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା । ଏଥିସହିତ କଲ୍‌ମା ବ୍ୟାରେଜ ଫାଟକ ଖୋଲି ମହାନଦୀକୁ ପାଣି ଛାଡିବା, ସବୁଜ ମହାନଦୀ ମିଶନର ଅଗ୍ରଗତି ସମ୍ପର୍କରେ ରାଜ୍ୟ ସରକାର ଶ୍ୱେତପତ୍ର ପ୍ରକାଶ କରିବା, ହୀରାକୁଦର ତଳ ମୁଣ୍ଡରେ ବ୍ୟାରେଜ ନିର୍ମାଣ କରି ଜଳ ସଂରକ୍ଷଣ କରିବା, ମହାନଦୀକୁ ପ୍ରଦୂଷଣ ଓ ଜବରଦଖଲକୁ ମୁକ୍ତ କରିବା ପାଇଁ ଦାବି କରାଯାଇଥିଲା । ଏହି ଅବସରରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ଡାକରା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ କଣ୍ଟିଲୋ ଏବିଭିପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବୃନ୍ଦାବନ ପ୍ରଧାନ, ଆଇଟିସି କେନ୍ଦ୍ରର ମୁଖ୍ୟ ସୁଶାନ୍ତ କୁମାର ସାହୁ, ସଭ୍ୟ ହିମାଂଶୁ ସାହୁ, ହାପି ସାହୁ, ଶରତ କୁମାର ସାହୁ, ହିମାଂଶୁ କର ଓ ଟୁକୁନା ମହାରଣା ପ୍ରମୁଖ ସାମିଲ ହୋଇଥିଲେ। ପ୍ରଭାକର ଶିରୋମଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ସମୀକ୍ଷା କଲେ ମୋ ସ୍କୁଲ ରାଜ୍ୟ ପ୍ରକଳ୍ପ ସଂଯୋଜକ

**ନୟାଗଡ଼ ଅଫିସ,୧୦।୪**

**ବିଦ୍ୟାଳୟ ଉଚ୍ଚାକାଂକ୍ଷୀ ରୂପାନ୍ତରଣ ଯୋଜନା**

ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟର ଉଚ୍ଚକାଂକ୍ଷୀ ରୂପାନ୍ତରଣ ଯୋଜନା ମାଧ୍ୟମରେ ନୟାଗଡ଼ ଜିଲାର ନୟାଗଡ଼, ରଣପୁର, ଖଣ୍ଡପଡ଼ା ଓ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ୨ଟି ଲେଖାଏଁ ଏପରି ୮ ସ୍କୁଲ ସାମିଲ ହୋଇଛି । ଏଥିରେ ରଣପୁରର ବ୍ରଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସାମିଲ ହୋଇଛି । ଏହି ଯୋଜନାର ସଫଳ ରୂପାୟନ ପାଇଁ ମୋ ସ୍କୁଲ ଅଭିଯାନର ରାଜ୍ୟ ପ୍ରକଳ୍ପ ଅଧିକାରୀ ହିମାଂଶୁ ଭୂଷଣ ଓଝା ଶନିବାର ରଣପୁର ଆସି ସମୀକ୍ଷା କରିଛନ୍ତି । ତାଙ୍କ ସହିତ ରାଜ୍ୟ ଆଞ୍ଚଳିକ ସଂଯୋଜକ ଶୁଭ ପାଲିତ, ରାଜ୍ୟ ଲୋକ ସମ୍ପର୍କ ଅଧିକାରୀ ତନ୍ମୟ ଦାସ ଉପସ୍ଥିତ ଥିଲେ। ମୋ ସ୍କୁଲ ଅଭିଯାନରେ ହୋଇଥିବା ବିଦ୍ୟାଳୟରେ ପହଞ୍ଚି ସ୍ମାର୍ଟ କ୍ଲାସରୁମ୍, ଇ ଲାଇବ୍ରେରୀ, ସ୍ୱଚ୍ଛ ଓ ନିର୍ମଳ ଶୌଚାଳୟ, ବିଦ୍ୟାଳୟର ପରିଷ୍କାର ପରିଚ୍ଛନ୍ନ ଓ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇଥିଲେ । ପ୍ରଧାନଶିକ୍ଷୟିତ୍ରୀ ବନଲତା ବେହେରାଙ୍କ ସହ ସେ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ ।

# ରାଷ୍ଟ୍ରୀୟ ଲୋକ ଅଦାଲତ

**ନୟାଗଡ଼ ଅଫିସ,୧୦।୪**

ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଜିଲା ଜଜ କୋର୍ଟ ନୟାଗଡ଼ଠାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୫୪୪ ଦେୱାନୀ ଓ ଫୌଜଦାରି ମାମଲା ଆଗତ କରାଯାଇ ୬୪ଟିର ଫଇସଲା କରାଯାଇଛି। ସେହିପରି ୧୧୯୦ ବ୍ୟାଙ୍କ ଋଣ ସମ୍ବନ୍ଧୀୟ ଅନାଦେୟ ମାମଲାରୁ ୫୬ ଫଇସଲା କରାଯାଇ ୭ଲକ୍ଷ ୮୯ ହଜାର ୬୭୧ ଟଙ୍କା ବ୍ୟାଙ୍କ ଋଣ ରାଜିନାମା କରାଯାଇଛି । ଜିଲା ଜଜ୍‌ଙ୍କ କୋର୍ଟ ପକ୍ଷରୁ ୬ ଗାଡ଼ିମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ୩୨ ଲକ୍ଷ ୫୦ ହଜାର ଟଙ୍କା ଓ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟ ପକ୍ଷରୁ ଗୋଟିଏ ମାମଲା ଫଇସଲା ହୋଇ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ପାଇଁ ଆଦେଶ ଦିଆଯାଇଛି । ପୁଣି ୧୦୮ ଦେୱାନୀ ମାମଲାରୁ ୩୦ ମାମଲା ଓ ୬୪ ଦେୱାନୀ ମାମଲାରୁ ୧୧ଟିର ଫଇସଲା କରାଯାଇଛି । ଗୋଟିଏ ଚେକ୍ ବାଉନ୍ସ ମାମଲା ଅନୁରୂପ ଭାବେ ଫଇସଲା ହୋଇଛି । ସେହିଭଳି ୨ ମନି ରିକଭରି କେସ୍ ଓ ପରିବାର ଅଦାଲତ ପକ୍ଷରୁ ୧୩ଟିର ଫଇସଲା କରାଯାଇଛି । ଜିଲା ଜଜ ରୂପଶ୍ରୀ ଚୌଧୁରୀ, ଅତିରିକ୍ତ ଜିଲା ଜଜ ଇତିଶ୍ରୀ ମହାପାତ୍ର, ଫ୍ୟାମିଲି କୋର୍ଟ ଜଜ୍ ପ୍ରଶାନ୍ତ କୁମାର ମିଶ୍ର, ରେଜିଷ୍ଟ୍ରାର ଚିତ୍ତରଞ୍ଜନ ମିଶ୍ର, ସଚିବ ରଞ୍ଜୁଲତା ଲେଙ୍କା, ସବଜଜ ଅମିତାଭ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



ଶନିବାର ନୟାଗଡ଼ ଜିଲା ଜଜ୍ କୋର୍ଟରେ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତିମାନେ ମାମଲାର ଶୁଣାଣି କରୁଛନ୍ତି।

# ଅମ୍ଳାନ ଜ୍ୟୋତି ସିଦ୍ଧାନ୍ତ ଦର୍ପଣ, ସୂର୍ଯ୍ୟଘଡ଼ି

**ଖଣ୍ଡପଡ଼ା,୧୦।୪ (ସ୍ୱ.ପ୍ର.)**

ଜ୍ୟୋତିର୍ବିଦ୍ ପଠାଣି ସାମନ୍ତ । ନୟାଗଡ଼ ଜିଲା ଖଣ୍ଡପଡ଼ାରେ ଜନ୍ମ ଗ୍ରହଣ କରିଥିବା ଏହି ଅସାଧାରଣ ମଣିଷ ସାରା ଭାରତବର୍ଷରେ ଜଣେ ପରିଚିତ ନାମ। ଶ୍ୟାମବନ୍ଧୁ ସିଂ ସାମନ୍ତ ଓ ବିଷ୍ଣୁମାଳି ଦେବୀଙ୍କ ଔରସରୁ ୧୮୩୫ ମସିହା ପୌଷ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ପଠାଣି ସାମନ୍ତ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ଜଣେ ପ୍ରଖ୍ୟାତ ଜ୍ୟୋତିର୍ବିଦ୍ ଓ ସଂସ୍କୃତ ପଣ୍ଡିତ । ନିଜର ସାଧନା, ପ୍ରଗାଢ଼ ଜ୍ଞାନ ଓ ବିଚକ୍ଷଣ ବୁଦ୍ଧି ଦ୍ୱାରା ସେ ଗଣିତ ଏବଂ ଜ୍ୟୋତିଷ ବିଦ୍ୟାରେ ଅତି ପାରଙ୍ଗମ ଥିଲେ । ସେ ରାତିରେ ଗ୍ରହ ନକ୍ଷତ୍ରଙ୍କ ଗତିବିଧି ଅନୁଧ୍ୟାନ କରୁଥିଲେ। ବ୍ରିଟିଶ ଶାସନ କାଳରେ ଦାମ୍ଭିକତାର ସହିତ ଗୋଟିଏ ବାଉଁଶ ନଳୀ ଓ ଦୁଇଟି କାଠି ଦ୍ୱାରା ପାହାଡ଼ର ଉଚ୍ଚତା ନିର୍ଣ୍ଣୟ କରିପାରୁଥିଲେ । ଗଣିତ ଓ ଜ୍ୟୋତିଷ ବିଦ୍ୟାରେ ପାରଦର୍ଶିତା ଅର୍ଜନ କରିଥିବା ସାମନ୍ତ ଚନ୍ଦ୍ର ଶେଖରଙ୍କ ରଚିତ 'ସିଦ୍ଧାନ୍ତ ଦର୍ପଣ' କେବଳ ଓଡ଼ିଶା ନୁହେଁ ସାରା ଭାରତବର୍ଷ ପାଇଁ ଏକ ମୂଲ୍ୟବାନ ସମ୍ପଦ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗ୍ରହ ନକ୍ଷତ୍ରକୁ ଗଣନା କରି ସେ ରଚନା କରିଥିଲେ ଏହି ମହାନ୍ ଗ୍ରନ୍ଥ । ଏହି ଗ୍ରନ୍ଥ ବିଶ୍ୱ ଦରବାରରେ ଜ୍ୟୋତିର୍ବିଦ୍ୟାର ମୂଲ୍ୟ ବୃଦ୍ଧି କରିଛି । ସିଦ୍ଧାନ୍ତ ଦର୍ପଣର ଗଣନା ଅନୁସାରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ମୁକ୍ତି ମଣ୍ଡପ ପଣ୍ଡିତଙ୍କ ସ୍ୱୀକୃତିପ୍ରାପ୍ତ ସମସ୍ତ ପଞ୍ଜିକା ଦୈନନ୍ଦିନ ଜୀବନ,ଚଳଣି ଓ ପର୍ବପର୍ବାଣି ପାଇଁ ପ୍ରତି ମୁହୂର୍ତ୍ତରେ ଆବଶ୍ୟକ ହେଉଛି। ତାଙ୍କର ଅନ୍ୟ ଏକ କୃତି ହେଉଛି ସୂର୍ଯ୍ୟଘଡି । ସେହି ସୂର୍ଯ୍ୟଘଡି କଟକ ରେଭେନ୍ସା ୟୁନିଭର୍‌ସିଟିରେ ସ୍ଥାପିତ ହୋଇଛି । ସେହିପରି ତାଙ୍କ ପୁଅ ଗଦାଧର ସିଂହ ସାମନ୍ତଙ୍କ ହସ୍ତ ନିର୍ମିତ ସୂର୍ଯ୍ୟଘଡି ଖଣ୍ଡପଡା ଦେୱାନୀ କୋର୍ଟ ଓ ତହସିଲ କାର୍ଯ୍ୟାଳୟ ସାମନାରେ ରହିଛି । ବହୁ ଜ୍ଞାନୀ ଓ ପଣ୍ଡିତମାନେ ଏହି ସୂର୍ଯ୍ୟଘଡ଼ିଟିକୁ ଦେଖିବାକୁ ଆସିଥାନ୍ତି। ପଠାଣି ସାମନ୍ତ ଜ୍ୟୋତି ବିଦ୍ୟାରେ ଏମିତି ପାରଙ୍ଗମ ଥିଲେ ଯେ, ଅକ୍ଷାଂଶ, ଦ୍ରାଘିମା ଏବଂ ପୃଥିବୀ ଢଳି ରହିଥିବା ୬୬.୫ ଡିଗ୍ରୀ ଅନୁସାରେ ସୂର୍ଯ୍ୟଘଡି ନିର୍ମାଣ କରିଥିଲେ। ଫଳରେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସେହି ଘଡ଼ି ଠିକ୍ ସମୟ ଦେଉଥିଲା। ସିଦ୍ଧାନ୍ତ ଦର୍ପଣ ଓ ସୂର୍ଯ୍ୟଘଡ଼ି ଖଣ୍ଡପଡାର ଦୁଇଟି ଅମୂଲ୍ୟ ରତ୍ନ, ଯାହା ବିଶ୍ୱ ଦରବାରରେ ଭାରତର ଗର୍ବ ଓ ସମ୍ମାନକୁ ଅକ୍ଷୁଣ୍ଣ ରଖିଛି ବୋଲି ଖଣ୍ଡପଡ଼ାବାସୀ ମତ ଦେଇଛନ୍ତି।



ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତି ।



ଖଣ୍ଡପଡ଼ା କଚେରି ନିକଟରେ ଥିବା ସୂର୍ଯ୍ୟଘଡ଼ି ।

### ଗଛରେ ପିଟିହେଲା ପିକ୍‌ଅପ୍ ଭ୍ୟାନ୍, ଚାଳକ ଗୁରୁତର



**ଖଣ୍ଡପଡ଼ା,୧୦।୪ (ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଅଧୀନ ଖଲିସାହି-କୋସକା ରାସ୍ତାର କୋଟପୋଖରୀ ଗ୍ରାମ ନିକଟରେ ଶୁକ୍ରବାର ରାତିରେ ଏକ ପିକ୍‌ଅପ୍ ଭ୍ୟାନ ରାସ୍ତା ପାର୍ଶ୍ୱସ୍ଥ ଏକ ନିମ ଗଛରେ ପିଟି ହେବାରୁ ଚାଳକ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାରେ ପିକ୍‌ଅପ୍ ଭ୍ୟାନଟି ଭାଙ୍ଗିରୁଜି ଯାଇଛି। ଆହତ ଚାଳକ ହରିଶ ନାଏକଙ୍କୁ ପ୍ରଥମେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ପରେ କଟକ ସ୍ଥାନାନ୍ତର କରାଯାଇଛି ।

